# ଅସଲି ହୀରା



ମଧୁସ୍ମିତା ପଟ୍ଟନାୟକ

ରାତିରେ ସବୁ କାମଦାମ ସାରି ଅସୀମା ଟିକେ ଏକୁଟିଆ ବସିଗଲା ଡ୍ରଇଂରୁମ୍‌ରେ । ଆରପାଖ ଘରେ ଆରାମରେ ଶୋଇ ପଡ଼ିଛନ୍ତି ରୋହିତ । ରାତି ଗଭୀରରୁ ଆହୁରି ଗଭୀରତର ହେଉଥାଏ । ତା' ସହ ଅଦିନିଆ ମେଘଟା ମଧ୍ୟ ଅମାନିଆ ହୋଇ ବର୍ଷି ଚାଲିଛି । ହେଲେ ଅସୀମା ଆଖିରୁ ନିଦ ଯାଇ କେଉଁ ଦୂର ରାଇଜରେ ହଜି ଯାଇଛି । ମନ ତ ଚହଲା ପାଣି ପରି । ମନପବନ ଘୋଡ଼ା ପରି କେତେ ଆଡ଼େ ଘୂରି ଆସୁଥାଏ... କେତେ କଥା ଭାବୁଥାଏ । ଏମିତି ସବୁ ଅନାବନା କଥା ଭାବି ଭାବି ମନ ତା'ର ଭାରାକ୍ରାନ୍ତ ହୋଇ ଉଠୁଥାଏ । ମନ ଭିତରେ ଜମାଟ ବାନ୍ଧି ରହିଥିବା ଅକୁହା ବେଦନା ସବୁ ଅନ୍ତର ଥରାଇ ଲୁହ ହୋଇ ବାହାରି ଆସିବା ପାଇଁ ସତେ ଯେମିତି ବାଟ ଓଗାଳି ବସି ରହିଛନ୍ତି । ପୁରୁଣାଦିନର ସ୍ମୃତି ସବୁ ଆଖି ଆଗରେ ସଜଳ ହୋଇଉଠୁଥାନ୍ତି । ଭାବୁଥାଏ... କାହିଁକି ସୋମାର ଆଭିଜାତ୍ୟର ଚମକରେ ଭାସି ଯାଇ ରୋହିତଙ୍କ ପ୍ରତି ଅବହେଳା କଲି ? ଏମିତି କରି କ'ଣ ପାଇଲି ? ନିଜ ପାଇଁ ଗଢ଼ିଥିବା କାଳ୍ପନିକ ଦୁନିଆରେ ହଜିଯାଇ ଜୀବନର ବାସ୍ତବତାକୁ କାହିଁକି ବୁଝିବାକୁ ଚେଷ୍ଟା କଲିନି ? ଏମିତି ଭାବି ଭାବି ସେ ଭାବନା ରାଇଜରେ ଫେରିଯାଉଥାଏ ପଛକୁ... ଆହୁରି ପଛକୁ... ।